# NATIONAL NEWS BULLETIN (ODIA)

**9 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆଲୋଚନା ଦାବି କରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା ଅପରାହ୍ନ ୩ଟା ଯାଏଁ ମୁଲତବୀ

–ବିଦେଶରେ ଅଟକି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ଉଦ୍ୟମ ଜାରି ରହିଥିବା ଗୃହରେ ସୂଚନା ଦେଲେ ବୈଦେଶିକ ମନ୍ତ୍ରୀ

- ଆୟୁଷ୍ମାନ ଭାରତ ଯୋଜନା ଏବଂ ଆରୋଗ୍ୟ ମନ୍ଦିର ଦେଶର କୋଣଅନୁକୋଣରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ

- ବିକଶିତ ଭାରତ ଲକ୍ଷ୍ୟ ହାସଲ ନିମନ୍ତେ ଯୁବ ଦକ୍ଷତାର ବିକାଶ ପାଇଁ ଆଜି ଆରମ୍ଭ ହେଲା ବିକଶିତ ଭାରତ ଯୁବା କନେକ୍ଟ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ

ଏବଂ

- ଆଇସିସି ଟି-୨୦ କ୍ରିକେଟ୍‌ର ବିଶ୍ୱ ବିଜେତା ଭାରତୀୟ ଟିମ୍‌କୁ ସଂସଦ ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

---

# ଏଲ୍‌ଏସ୍ ଆଡ୍‌ଜର୍ନ

ଲୋକସଭାରେ ଆଜି ପଶ୍ଚିମ ଏସିଆ ପରିସ୍ଥିତି ସଂପର୍କରେ ଆଲୋଚନା ଦାବି କରି ବିରୋଧୀ ଦଳ ସଦସ୍ୟଙ୍କ ଦ୍ୱାରା ହଟ୍ଟଗୋଳ ଜାରି ରହିବାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ପୁନର୍ବାର ସମ୍ମିଳିତ ହେବା ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ସ୍ୱତଃ ପଶ୍ଚିମ ଏସିଆ ପରିସ୍ଥିତି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ସେ କହିବାକୁ ଆରମ୍ଭ କରିବା ମାତ୍ରେ ବିରୋଧୀ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି ଏବଂ ଅନ୍ୟ ବିରୋଧୀଦଳ ସଦସ୍ୟମାନେ ଗୃହକୁ ମଧ୍ୟଭାଗକୁ ଆସି ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ବିରୋଧୀ ସଦସ୍ୟମାନଙ୍କୁ ପ୍ଲାକାର୍ଡ ପ୍ରଦର୍ଶନ ନ କରିବା ଲାଗି କହିଥିଲେ । କାରଣ ତାହା ଗୃହର ବିରୁଦ୍ଧାଚରଣ କରୁଛି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୃହରେ ବିରୋଧୀ ସଦସ୍ୟମାନଙ୍କ ବ୍ୟବହାର ନେଇ ସମାଲୋଚନା କରିଥିଲେ । ସେ କହିଥିଲେ ତାଙ୍କ ଜୀବନକାଳ ମଧ୍ୟରେ ସେ କେବେ ବିରୋଧୀ ସଦସ୍ୟମାନଙ୍କ ଦାୟିତ୍ୱହୀନ ବ୍ୟବହାର ଦେଖିନାହାନ୍ତି ।

ସେ କହିଥିଲେ, ବିରୋଧୀମାନେ ଲୋକସଭା ବାଚସ୍ପତିଙ୍କ ବିରୋଧରେ ପ୍ରସ୍ତାବ ଆଗତ କରିଛନ୍ତି, ଯାହା ଆଜି ଆଲୋଚନା ହେବା ପାଇଁ ଗ୍ରହଣ କରାଯାଇଛି । କିନ୍ତୁ ସେ ସଂପର୍କରେ ଆଲୋଚନା କରିବା

ପରିବର୍ତ୍ତେ ବିରୋଧୀ ଦଳଗୁଡ଼ିକ ଅନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଦାବି କରୁଛନ୍ତି ।

ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

ଆଜି ସକାଳ ୧୦ଟାରେ ଲୋକସଭାର କାର୍ଯ୍ୟଧାରା ଆରମ୍ଭ ହେବା ପରେ ସିଲଙ୍ଗ୍‌ର ସଦସ୍ୟ  ତଥା ଭଏସ୍ ଅଫ୍ ଦ ପିପୁଲ୍ ପାର୍ଟିର ନେତା ଡକ୍ଟର ରିକି ଆଣ୍ଡ୍ରିଉ ଜେ ସିଙ୍ଗକନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗୃହପକ୍ଷରୁ ୪ଜଣ ଦିବଂଗତ ସଦସ୍ୟ କୁମାରୀ ସୁଶୀଲା ତିରିଆ, ଦେବୀ ବକ୍ସ ସିଂ, ପୂର୍ଣ୍ଣମାସୀ ରାମ ଏବଂ କେ.ପି. ଉନ୍ନୀକ୍ରିଷ୍ଣଙ୍କ ପ୍ରତି ମଧ୍ୟ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ସଦସ୍ୟମାନେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବତା ଅବଲମ୍ବନ କରିଥିଲେ । ପରେ  ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା ।

---

## ଜୟଶଙ୍କର-ରାଜ୍ୟସଭା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ତେହେରାନ୍‌ରେ ଅଟକି ରହିଥିବା ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସେଠାରେ ଥିବା ଭାରତୀୟ ଦୂତାବାସ ପଦକ୍ଷେପ ଗ୍ରହଣ କରୁଛନ୍ତି । ଆଜି ରାଜ୍ୟସଭାରେ ଡକ୍ଟର ଜୟଶଙ୍କର କହିଛନ୍ତି, ଇରାନକୁ ବ୍ୟବସାୟିକ ଦୃଷ୍ଟିରୁ ଯାଇଥିବା ଭାରତୀୟ ନାଗରିକମାନଙ୍କୁ ଭାରତ ଫେରିବା ଲାଗି ବ୍ୟବସ୍ଥା ସ୍ୱରୂପ ସେଠାରୁ ଆର୍ମେନିଆ ପର୍ଯ୍ୟନ୍ତ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି । ସେ କହିଛନ୍ତି, ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି । ମନ୍ତ୍ରୀ ଶ୍ରୀ ଜୟଶଙ୍କର କହିଛନ୍ତି, ପଶ୍ଚିମ ଏସିଆରୁ ଭାରତ ଫେରିବା ପାଇଁ ପ୍ରାୟ ୬୭ ହଜାରରୁ ଅଧିକ

ଭାରତୀୟ ନାଗରିକ ଆନ୍ତର୍ଜାତିକ ସୀମା ଅତିକ୍ରମ କରିଛନ୍ତି । ଆଜି ଲୋକସଭାରେ ମଧ୍ୟ ବୈଦେଶିକା ମନ୍ତ୍ରୀ ଏହି ବିବୃତ୍ତି ଉପସ୍ଥାପନ କରିଛନ୍ତି ।

---

## ପିଏମ୍ ୱେବିନାର୍

ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମି ଗତ କିଛିବର୍ଷ ମଧ୍ୟରେ ଦୃଢ଼ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ଲୋକଙ୍କ ଆକାଂକ୍ଷା ପୂରଣ ଦିଗରେ 'ସବ୍ କା ସାଥ୍ ସବ୍ କା ବିକାଶ' ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଲୋକମାନଙ୍କ ଆଶା ଆକାଂକ୍ଷା ପୂରଣ କରିବା କେବଳ ଆଲୋଚନାର ବିଷୟବସ୍ତୁ ନୁହେଁ, ବରଂ ବଜେଟ ଓ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ଅଟେ। ସେ କହିଛନ୍ତି, କେନ୍ଦ୍ର ସରକାର ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ବ୍ୟବସ୍ଥା କରିବା ନିମନ୍ତେ ଶହଶହ ସଂଖ୍ୟାରେ ନୂଆ ମେଡ଼ିକାଲ କଲେଜ ପ୍ରତିଷ୍ଠା କରୁଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଏବଂ ଆରୋଗ୍ୟ ମନ୍ଦିର ଭଳି ସ୍ୱାସ୍ଥ୍ୟସେବା ସଂସ୍ଥାଗୁଡ଼ିକ ଦେଶର କୋଣଅନୁକୋଣରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ବିଶ୍ୱରେ ଭାରତର ପାରମ୍ପରିକ ଯୋଗ ଏବଂ ଆୟୁର୍ବେଦକୁ ଲୋକପ୍ରିୟ କରାଉଛନ୍ତି । ସ୍ୱାସ୍ଥ୍ୟ ଅର୍ଥନୀତିର ବିକାଶ ସଂପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ସ୍ତରରେ ସେବାଯତ୍ନ ଯୋଗାଇ ଦେବାର ଚାହିଦା ବୃଦ୍ଧି ପାଉଥିବା ବେଳେ ଦେଶର ଲକ୍ଷଲକ୍ଷ ଯୁବପିଢ଼ିଙ୍କ ପାଇଁ ଏହା ନୂତନ ଦକ୍ଷତା ବ୍ୟବସ୍ଥିତ ନିଯୋଜନ ସୁଯୋଗ ସୃଷ୍ଟି କରିଛି ।

**V/O (PM- Skill Care)**

ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ମାଥ୍‌ମେଟିକ୍ସ–ଷ୍ଟେମ୍ କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ ବୃଦ୍ଧି ପାଉଥିବା ନେଇ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମହିଳାମାନଙ୍କ ସମାନ ଯୋଗଦାନ ନେଇ ଏହା ସୁନିଶ୍ଚିତ କରିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବଗବେଷକମାନଙ୍କୁ ଆହୁରି ଅଧିକ ଯତ୍ନଶୀଳ ହେବା ପାଇଁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ଶ୍ରୀ ମୋଦୀ ଶିକ୍ଷା, ନିଯୁକ୍ତି ଏବଂ ଉଦ୍ୟୋଗ ମଧ୍ୟରେ ସଂପର୍କ ବିଷୟରେ ଆଲୋଚନା କରି ଭାରତ ଆନିମେସନ, ଭିଜୁଆଲ୍ ଇଫେକ୍ଟ, ଗେମିଙ୍ଗ୍ ଏବଂ କମିକ୍ସ କ୍ଷେତ୍ରକୁ ପ୍ରାଧାନ୍ୟ ଦେଉଛି ବୋଲି କହିଛନ୍ତି । ସେ କହିଛନ୍ତି, ଭାରତ ଏକ ନବସୃଜନ ପରିଚାଳିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି । ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଶିଳ୍ପ ସହଯୋଗ ଏବଂ ଗବେଷଣା ପରିଚାଳିତ ଶିକ୍ଷାକେନ୍ଦ୍ରରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

**V/O (PM-AVGC)**

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଯୋଜନା ଓ ପଦକ୍ଷେପ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ମାଇଁ ଭାରତ-ଯୁବା କନେକ୍ଟ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆଜି ଦିଲ୍ଲୀରେ ବିକଶିତ ଭାରତ ଯୁବା କନେକ୍ଟ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ମେରା ଯୁବ ଭାରତ, ମାଇଁ ଭାରତ ଜରିଆରେ ଦେଶର ଯୁବପିଢ଼ିଙ୍କୁ ଆହୁରି ଦୃଢ଼ କରିବା ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀର ୩୫ଟି ମହାବିଦ୍ୟାଳୟର ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି । ଏଥିରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ସହ ଆଲୋଚନା ଓ ପର୍ଯ୍ୟାଲୋଚନା ହେବ ବୋଲି ଜଣାପଡ଼ିଛି । ଏହାର ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିକୁ ଦେଶର ବିକାଶ ଯାତ୍ରାରେ ଦାୟିତ୍ୱବାନ ଭାବେ କାର୍ଯ୍ୟ କରିବା ନିମନ୍ତେ ପ୍ରେରଣା ଯୋଗାଇବା । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପର୍ଯ୍ୟାୟରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଏବଂ ବିକଶିତ ଭାରତ ଯୁବ ସଂସଦର ବିଜେତାମାନେ ଯୁବପିଢ଼ିଙ୍କ ସହ ଆଲୋଚନା କରିବେ ଏବଂ ଦେଶ ଗଠନ ଦିଗରେ ସେମାନଙ୍କ ଭୂମିକା ସଂପର୍କରେ ଅବଗତ କରାଇବେ । ସୂଚନାଯୋଗ୍ୟ ଏହି ବିକଶିତ ଭାରତ ଯୁବା କନେକ୍ଟ କାର୍ଯ୍ୟକ୍ରମ ଦେଶର ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୭୪ଟି ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ସଂପ୍ରସାରିତ ହୋଇଛି ଏବଂ ୨୦ ହଜାରରୁ ଅଧିକ ଯୁବାପିଢ଼ି ମାଇଁ ଭାରତ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ସାମିଲ ହୋଇଛନ୍ତି ।

# ପିଏମ୍-ଟିମ୍ ଇଣ୍ଡିଆ

ଭାରତ ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଚମ୍ପିୟାନ୍ ହେବା ପରେ ଆଜି ଲୋକସଭା ପକ୍ଷରୁ ଭାରତୀୟ କ୍ରିକେଟ୍ ଦଳକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ପୁନର୍ବାର ସମ୍ମିଳିତ ହେବା ପରେ ଲୋକସଭାରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ଭାରତର ବିଜୟ ନେଇ ସୂଚନା ଦେଇଥିଲେ । ସେ କହିଥିଲେ ଭାରତୀୟ କ୍ରିକେଟ୍ ଦଳ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଦୃଢ଼ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛନ୍ତି । ଭାରତୀୟ ଖେଳାଳିମାନେ କୋଟି କୋଟି ଭାରତୀୟଙ୍କୁ ପ୍ରେରଣା ଯୋଗାଇବା ସହ ଦେଶର କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି ।

ରାଜ୍ୟସଭାରେ ମଧ୍ୟ ଭାରତୀୟ କ୍ରିକେଟ ଦଳକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଗତକାଲି ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଭାରତ' ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରିଛି । ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଭାରତର ଏହି ବିଜୟକୁ ତୃତୀୟ ଟି-୨୦ ବିଶ୍ୱକପ୍ ହାସଲ ବୋଲି କହିବା ସହ ପୂର୍ବର ଟି-୨୦ ସଂସ୍କରଣରେ ଭାରତର ବିଜୟ ସଂପର୍କରେ କହିଛନ୍ତି । ଏହି ସିରିଜ୍‌ରେ ଭାରତୀୟ ଦଳର ଉନ୍ନତ ପ୍ରଦର୍ଶନ ଦେଶର କୋଟିକୋଟି ଖେଳପ୍ରେମୀଙ୍କୁ ଆନନ୍ଦିତ କରିଛି ।

ଆଜି ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ସମ୍ମିଳିତ ହେବା ପରେ ଏହାର ପୂର୍ବତନ ସଦସ୍ୟ ମୁକୁଲ ରାୟ, ଡକ୍ଟର ଜନାର୍ଦ୍ଦନ ୱାଘମାଢ଼େ ଏବଂ

ଏଚ୍.କେ. ଦୁଆଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଦିବଂଗତ ଆତ୍ମାଙ୍କ ପ୍ରତି ଗୃହ ପକ୍ଷରୁ ନିରବ ପ୍ରାର୍ଥନା କରାଯାଇଥିଲା ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ କ୍ରିକେଟ୍ ଦଳକୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଦୃଢ଼ ଆତ୍ମବିଶ୍ୱାସ ଏବଂ ପରିଶ୍ରମ ଜୀବନର ସଫଳତାର ମନ୍ତ୍ର । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ସଂସ୍କୃତ ଶ୍ଲୋକ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ବିଜୟ ହାସଲ କରିବା ଏହା ସୂଚାଇଥାଏ ଯେ ସଠିକ୍ ଉଦ୍ଦେଶ୍ୟରେ କଷ୍ଟକର କାର୍ଯ୍ୟ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇଥାଏ । ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କ ଆକାଂକ୍ଷା ପୂରଣ ନିମନ୍ତେ କ୍ରମାଗତ ଭାବେ ଉଦ୍ୟମ କରିବା ଲାଗି ପରାମର୍ଶ ଦେଇଛନ୍ତି ।

## ବିଜେପି-ଅବ୍‌ଜରଭର -ଆର୍‌ଏସ୍ ପୋଲ୍‌ସ

ବିଜେପି ଆଗାମୀ ବିହାର, ଓଡ଼ିଶା ଓ ହରିଆଣାର ରାଜ୍ୟସଭା ନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି । ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଏବଂ  କେନ୍ଦ୍ରମନ୍ତ୍ରୀ ହର୍ଷ ମାଲ୍‌ହୋତ୍ରା ବିହାର ପାଇଁ ଦଳୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ବେଳେ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭୀ ହରିଆଣା ଏବଂ ମହାରାଷ୍ଟ୍ର ସରକାରରେ ଥିବା ମନ୍ତ୍ରୀ ଚନ୍ଦ୍ରଶେଖର ବାବାଙ୍କୁଲେ ଓଡ଼ିଶା ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ବିଜେପି ଅଧ୍ୟକ୍ଷ ନୀତିନ ନବୀନ ଏହି ନିଯୁକ୍ତି ଦେଇଥିବା ଜଣାପଡ଼ିଛି ।